# ସଜେଇ ହେଉଛି ଉଦୟପୁର-ତାଳସାରୀ



ଭୋଗରାଇ, ୮।୯: ନୂଆ ରୂପରେ ସଜେଇ ହେଉଛି ବାଲେଶ୍ୱର ଜିଲାର ବେଳାଭୂମି ଉଦୟପୁର-ତାଳସାରୀ। ଦୀର୍ଘବର୍ଷ ଧରି ଦୃଷ୍ଟି ଆଢୁଆଳରେ ରହିଯାଇଥିବା ଏହି ବେଳାଭୂମିକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ରାଜ୍ୟ ସରକାର ତତ୍ପର ହୋଇପଡ଼ିଛନ୍ତି। ଦୁବାଇ ଭଳି ସୌନ୍ଦର୍ଯ୍ୟକରଣ କରାଯିବା ସହ ଓଡ଼ିଶା ମାନଚିତ୍ରରେ ଏହି ବେଳାଭୂମି ସ୍ୱତନ୍ତ୍ର ସ୍ଥାନ ପାଇବ ବୋଲି କାର୍ଯ୍ୟାଦେଶ ନେଇଥିବା ସଂସ୍ଥା ପକ୍ଷରୁ କୁହାଯାଇଛି।

୨୦୨୦ରେ ରାଜ୍ୟ ସରକାର ଏହି ବେଳାଭୂମିର ସୌନ୍ଦର୍ଯ୍ୟକରଣ ଲାଗି ୧ଶହ କୋଟି ଟଙ୍କାର ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଥିଲେ। ଏହାକୁ କାର୍ଯ୍ୟକାରୀ କରିବାକୁ ୫-ଟି ସଚିବ ଭି. କେ. ପାଣ୍ଡିଆନ, ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ସହ ବିଭିନ୍ନ ବରିଷ୍ଠ ଅଧିକାରୀ ବେଳାଭୂମିକୁ ଆସି ସ୍ଥିତି ଅନୁଧ୍ୟାନ କଲା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ୨୦୨୧ରେ ବାତ୍ୟା ୟାସ୍ ଉଦୟପୁର-ତାଳସାରୀ ୨.୭ କି.ମି. ବ୍ୟାପ୍ତ ୫୬କୋଟି ଟଙ୍କା ବ୍ୟୟରେ ନିର୍ମିତ ମେରାଇନ ଡ୍ରାଇଭ ପଥରବନ୍ଧ କ୍ଷତିଗ୍ରସ୍ତ ହେବାରୁ ଏହା କାର୍ଯ୍ୟକାରୀ ହେବାରେ ମନ୍ଥରତା ଦେଖାଯାଇଥିଲା। ଗତବର୍ଷ ଡିସେମ୍ବର ୨୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦୟପୁର-ତାଳସାରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ ନିମନ୍ତେ ୨୯କୋଟି ଟଙ୍କା ଅନୁଦାନ ଘୋଷଣା କରିବା ପରେ ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ନିକଟରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ପର୍ଯ୍ୟଟନ, ସେଚ ବିଭାଗ ଉଚ୍ଚ ପଦାଧିକାରୀଙ୍କ ସହ ଜିଲାପାଳ ଏବଂ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ ବେଳାଭୂମିର ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥିତି ଅନୁଧ୍ୟାନ କରିବା ପରେ ଏନବିସିସି ନାମକ ଏକ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ଉକ୍ତ ସଂସ୍ଥା ପକ୍ଷରୁ ସେପ୍ଟେମ୍ବର ପହିଲାରୁ ବେଳାଭୂମି ସୌନ୍ଦର୍ଯ୍ୟକରଣ ପାଇଁ ତଥା ପର୍ଯ୍ୟଟକଙ୍କ ବସିବା ନିମନ୍ତେ ମେରାଇନ ଡ୍ରାଇଭରେ କଂକ୍ରିଟ ବେଞ୍ଚ ନିର୍ମାଣ ଓ ୧୬ଟି ବଭିନ୍ନ ରଙ୍ଗର ଷ୍ଟଲ କାର୍ଯ୍ୟ ଆଗେଇ ଚାଲିଛି। ଏହି ବେଳାଭୂମିକୁ ନୂଆ ରୂପରେ ସଜାଇ ଦିଆଯିବ ବୋଲି ଏନବିସିସିର ଜୋନାଲ ମ୍ୟାନେଜର ବିଭୂଦତ୍ତ ମିଶ୍ର ସୂଚନା ଦେଇଛନ୍ତି। ଉଦୟପୁର-ତାଳସାରୀ ନୂଆ ରୂପରେ ଗଢ଼ିଉଠିଲେ ଦୀଘା ଫିକା ପଡ଼ିବ ବୋଲି ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ କହିଛନ୍ତି। ରାଜ୍ୟ ସରକାରଙ୍କ ଆନ୍ତରିକତା ତଥା ଇଚ୍ଛାଶକ୍ତି ଅଭାବ ଯୋଗୁ ଭୋଗରାଇ ଅଞ୍ଚଳରେ ଥିବା ପର୍ଯ୍ୟଟନସ୍ଥଳୀର ବିକାଶ ଆଗେଇପାରୁନି ବୋଲି କଂଗ୍ରେସ ନେତା ସତ୍ୟଶିବ ଦାସ କହିଛନ୍ତି। ଏହି ବେଳାଭୂମିର ବିକାଶ ହେଲେ ସ୍ଥାନୀୟ ଜନସାଧାରଣଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ ଉନ୍ନତି ଆସିବ ବୋଲି କୁହାଯାଇଛି।

ରିପୋର୍ଟ: ପ୍ରଦୀପ ଦାସ


ଅଭିନନ୍ଦନ
'ଧରିତ୍ରୀ' ଉତ୍ତରଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଚିତ୍ତରଞ୍ଜନ ପଣ୍ଡା
ଟାଉନ୍ ସଭାପତି, ଭାଜପା, ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତରଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଯଶୋଦା ନନ୍ଦନ ଆଶ
ସମାଜସେବୀ, ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ମୟୂରଭଞ୍ଜର ସମସ୍ତ ଭାଇଭଉଣୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଖଗେଶ୍ୱର ନାୟକ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକପାଠିକା ଓ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ସଞ୍ଜୀବ ମଲ୍ଲିକ
ବିଧାୟକ, ଭଦ୍ରକ

ଅଭିନନ୍ଦନ
'ଧରିତ୍ରୀ' ଉତ୍ତରଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ
ଫକୀରମୋହନ ସାହିତ୍ୟ ପରିଷଦର ସଭାପତି

ଅଭିନନ୍ଦନ
'ଧରିତ୍ରୀ' ଉତ୍ତରଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
BJYM
ରାଜେଶ ମହାପାତ୍ର
ଜିଲ୍ଲା ସଭାପତି, ଭାଜପା ଯୁବମୋର୍ଚ୍ଚା, ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତରଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ସଞ୍ଜିବ ଦାସ (ବାବୁନି)
କାଉନ୍‌ସିଲର, ମ୍ୟୁନିସିପାଲିଟି, ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତରଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ମନୋଜ ରାଉତ (ଫକାଲୁ)
ପୂର୍ବତନ ଉପାଧ୍ୟକ୍ଷ, ମ୍ୟୁନିସିପାଲିଟି, ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତରଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ସେକ ଆୟୁବ
କାଉନ୍‌ସିଲର, ମ୍ୟୁନିସିପାଲିଟି, ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତରଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ସଞ୍ଜୟ ସାହୁ
ଶିକ୍ଷାବିତ୍ ତଥା ସମାଜସେବୀ, ବାଲେଶ୍ୱର

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକପାଠିକା ଓ ବନ୍ତବ୍ଲକର ସମସ୍ତ ମହାସଂଘ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାମାନଙ୍କୁ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ପଞ୍ଚାୟତ ସ୍ତରୀୟ
ବାବା ଧବଳେଶ୍ୱର ମହିଳା ମହାସଂଘ
ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ
ଗଠନ-ତା.୦୮.୦୮.୨୦୦୮ ରିଖ ପୁନଃଗଠନ-ତା.୦୩.୧୨.୨୦୧୮ ରିଖ
କାଦବରାଙ୍ଗ, ବନ୍ତ, ଭଦ୍ରକ
ସୌଜନ୍ୟ- ଓଡ଼ିଶା ଜୀବିକା ମିଶନ୍

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ମାଆ, ମାଉସୀ, ଭାଇ, ଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ମୋର କାମନା।
ପ୍ରଗତିବାଳା ସ୍ୱାଇଁ
ଉପାଧ୍ୟକ୍ଷା
ପଞ୍ଚାୟତ ସମିତି, ବନ୍ତ, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବାଲେଶ୍ୱର - ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବନ୍ତ ଶାଖା ଅଧୀନ ଟିଲୋ ସେବା ସମବାୟ ସମିତିର ସମସ୍ତ କର୍ମଚାରୀ, ବୋର୍ଡ଼ ସଭ୍ୟସଭ୍ୟା, ଚାଷୀ କମିଟି, ଚାଷୀ, ଋଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛୁ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ଆମ୍ଭର କାମନା।
ବିଜୟ କୁମାର ନାୟକ
ସଭାପତି, ଟିଲୋ ସେବା ସମବାୟ ସମିତି
ଟିଲୋ, ବନ୍ତ, ଭଦ୍ରକ
ବ୍ରଜ କିଶୋର ବିଶ୍ୱାଳ
ସମ୍ପାଦକ, ଟିଲୋ ସେବା ସମବାୟ ସମିତି
ଟିଲୋ, ବନ୍ତ, ଭଦ୍ରକ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକପାଠିକା ଓ ବନ୍ତ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ।
ରାଜକିଶୋର ସ୍ୱାଇଁ
ବ୍ଲକ କଂଗ୍ରେସ ସଭାପତି, ବନ୍ତ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକପାଠିକା ଓ ଭଦ୍ରକ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ମୁକୁନ୍ଦଦେବ ସାମଲ
ଉପାଧ୍ୟକ୍ଷ, ଭଦ୍ରକ ବ୍ଲକ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକପାଠିକା ଓ ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ବଳରାମ ରାଉତ
(ଚିଲିକା)
ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ମୋର କାମନା।
ଦେବେନ୍ଦ୍ର ଜେନା
ସାମାଜିକ କର୍ମୀ, ଶିକ୍ଷାବିତ୍, ସବୁଜ ବିପ୍ଳବୀ
ଶିଆଳିଆ, ସେଣ୍ଟତୀରା, ବନ୍ତ, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକ, ପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ବନ୍ତ ଶାଖା ଅଧୀନ, ପଧାନପଡ଼ା ସେବା ସମବାୟ ସମିତିର ସମସ୍ତ କର୍ମଚାରୀ, ବୋର୍ଡ଼ ସଭ୍ୟସଭ୍ୟା, ଚାଷୀ କମିଟି, ଚାଷୀ, ଋଣୀ ଓ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛୁ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ଆମ୍ଭର କାମନା।
ସେକ୍ କଦମ୍
ସଭାପତି, ପଧାନପଡ଼ା ସେବା ସମବାୟ ସମିତି
ନିଳୋକ, ବନ୍ତ, ଭଦ୍ରକ
ନାରାୟଣ ଚନ୍ଦ୍ର ସାହୁ
ସମ୍ପାଦକ, ପଧାନପଡ଼ା ସେବା ସମବାୟ ସମିତି
ନିଳୋକ, ବନ୍ତ, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତବ୍ଲକ ଗୋପୀନାଥପୁର ପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧାରଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ମୋର କାମନା।
ସବିତାରାଣୀ ନାୟକ
ସରପଞ୍ଚ
ଗୋପୀନାଥପୁର ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସମସ୍ତ ପାଠକପାଠିକା ଓ ଶୁଭେଚ୍ଛୁଙ୍କ ସମେତ ବନ୍ତ ବ୍ଲକ ସେଣ୍ଟତୀରା ପଞ୍ଚାୟତର ସମସ୍ତ ଭାଇଭଉଣୀ ଓ ଜନସାଧରଣମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଅଛୁ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ଆମର କାମନା।
ମଳୟ କୁମାର ରାଉତ
ସଭାପତି, ସେଣ୍ଟତୀରା ସେବା ସମବାୟ ସମିତି
ବନ୍ତ, ଭଦ୍ରକ
ହୃଷୀକେଶ ପାତ୍ର
ସଭାପତି, ବିଜୁ ଜନତା ଦଳ
ସେଣ୍ଟତୀରା ଗ୍ରାମପଞ୍ଚାୟତ, ବନ୍ତ, ଭଦ୍ରକ

ଅଭିନନ୍ଦନ
'ଧରିତ୍ରୀ' ଉତ୍ତରଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଉମାକାନ୍ତ ମହାପାତ୍ର
ଜିଲ୍ଲା ସଭାପତି, ଭାଜପା, ବାଲେଶ୍ୱର

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକପାଠିକା ଓ ଭଦ୍ରକ ପୌରପାଳିକାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପୌରପାଳିକାର ଉନ୍ନତି ଓ ପ୍ରଗତି ପାଇଁ ସମସ୍ତେ ସହଯୋଗ କରନ୍ତୁ। ସମସ୍ତେ ଭଲରେ ରୁହନ୍ତୁ।
ଗୁଲ୍‌ମକ୍କୀ ଦଲୱାଜୀ ହବିବ୍
ଅଧ୍ୟକ୍ଷା
ଭଦ୍ରକ ପୌରପାଳିକା

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକପାଠିକା ଓ ଆଡ଼ିଆ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ବିଜୟ ଜେନା
ମୀନା କୁମାରୀ ଜେନା
ସରପଞ୍ଚ, ଆଡ଼ିଆ, ବନ୍ତ ବ୍ଲକ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକପାଠିକା ଓ ଜନସାଧାରଣଙ୍କୁ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତେ ଭଲରେ ରୁହନ୍ତୁ।
ଡ. ଜୟନ୍ତୀ କରଶର୍ମା
ହିନ୍ଦୀ ଶିକ୍ଷୟିତ୍ରୀ, ଭଦ୍ରକ ଜିଲ୍ଲା ସ୍କୁଲ

## ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଜବତ

ପଦ୍ମପୁର, (ଡି.ଏନ.ଏ.): ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ପୋଲିସ ଗୁରୁବାର ଏକ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ବାଲିବିଲଠାରୁ ଜବତ କରିଛି। ଭୋର ସମୟରେ କୋଇଲା ଚୋରା ଚାଲାଣ ହେଉଥିବା ଖବରପାଇ ସାବରଙ୍ଗ ଥାନା ଏଏସ୍‌ଆଇ ଯତୀନ୍ଦ୍ରନାଥ ସିଙ୍କୁ, ହାବିଲଦାର ଭରତ କୁମାର ମାଝି, କନଷ୍ଟେବଲ ରାଜେନ୍ଦ୍ର ସାହୁ, ଅଜୟ ନାୟକ ପ୍ରମୁଖ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ପିକ୍‌ଅପ୍ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଉକ୍ତ ଗାଡ଼ିରୁ ୧୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କୋଇଲା ଜବତ କରାଯାଇଛି।

## ସଂକ୍ଷେପରେ

### ଘର ଭାଙ୍ଗିଲା ଦନ୍ତା

ବାଙ୍ଗିରିପୋଷି,୮।୯(ଡି.ଏନ.ଏ.)- ବାଙ୍ଗିରିପୋଷି ବନାଞ୍ଚଳ ଅଧୀନ କୁସୁମବନ୍ଧ ପଞ୍ଚାୟତର ନୂଆଡିହି ଗ୍ରାମରେ ହାତୀ ଆତଙ୍କ ଦେଖାଦେଇଛି। ବୁଧବାର ରାତିରେ ଏକ ଦନ୍ତା ବୁଢ଼ାବଳଙ୍ଗ ନଦୀ ପାର ହୋଇ ନୂଆଡିହି ଗ୍ରାମରେ ପ୍ରବେଶ କରିବା ସହ ଭାଗବତ ମାରାଣ୍ଡିଙ୍କ ଚାଳ ଛପର ଘର ଭାଙ୍ଗି ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛି। ହାତୀ ଆକ୍ରମଣରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ବାଙ୍ଗିରିପୋଷି ଫରେଷ୍ଟର ମଳୟ କୁମାର ମହାନ୍ତ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ହାତୀଟି ପଶ୍ଚିମବଙ୍ଗରୁ ଆସିଥିବା ବନ କର୍ମଚାରୀମାନେ କହିଛନ୍ତି।

### ସାପ କାମୁଡ଼ାରେ ୩ ଗୁରୁତର

ବେତନଟୀ,୮।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଞ୍ଚଳରେ ସାପ କାମୁଡ଼ାରେ ୩ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲା ବେଳେ ଅବସ୍ଥା ଗୁରୁତର ହେବାରୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଶିଙ୍ଗିଳାମୁଣ୍ଡିଳି ଗ୍ରାମର କମଳା ସିଂ (୫୫)ବିଲକୁ ଯାଇଥିଲା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଏସଏସ ମହୁଲିଆ ଗ୍ରାମ କେରକସାହିର ମଣ୍ଟୁ ନାଏକଙ୍କ ସ୍ତ୍ରୀ ଅଞ୍ଜନା ନାଏକ ସ୍ଥାନୀୟ ଜଙ୍ଗଲକୁ ଯାଇ ଡ଼ାଳ ଭାଙ୍ଗୁଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସେହିପରି ରାଜୁ ବେସ୍ରା (୧୨) ନାମକ ବାଳକଙ୍କୁ ସାପ କାମୁଡ଼ିବା ସନ୍ଦେହରେ ବାରିପଦାକୁ ସ୍ଥାନାନ୍ତର କରାଯାଇଛି।

### ଆଲମିରା ଓଲଟି ୨ ଛାତ୍ରୀ ଗୁରୁତର

ଜଳେଶ୍ୱର, ୮।୯(ଡି.ଏନ.ଏ.)-ଜଳେଶ୍ୱର ବ୍ଲକର ଖାଲିନା ନୋଡାଲ ଉ.ପ୍ରା. ବିଦ୍ୟାଳୟ ଶ୍ରେଣୀକକ୍ଷରେ ଗୁରୁବାର ପିଲାମାନେ ବସିଥିବା ବେଳେ ସେଠାରେ ଥିବା ଆଲମିରା ହଠାତ୍ ଓଲଟି ପଡ଼ିଥିଲା। ୨ଜଣ ଛାତ୍ରୀଙ୍କ ଉପରେ ଆଲମିରା ପଡ଼ିଯିବାରୁ ସେମାନେ ଗୁରୁତର ହୋଇଥିଲେ। ଶିକ୍ଷକମାନେ ଗୁରୁତର ୨ ଛାତ୍ରୀ ଅନି ପ୍ରଧାନ(୬) ଓ ଭାଗ୍ୟଶ୍ରୀ ସରେନ୍ (୮)ଙ୍କୁ ଜଳେଶ୍ୱରସ୍ଥିତ ଜିକେଭଟ୍ଟର ଡାକ୍ତରଖାନାକୁ ଆଣି ଚିକିତ୍ସା କରାଇଥିଲେ। ବିଦ୍ୟାଳୟ ଅବ୍ୟବସ୍ଥାକୁ ନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା।

### ଜମିବାଡ଼ିକୁ କେନ୍ଦ୍ର କରି ମାରପିଟ

କୁଆମରା, ୮।୯(ଡ.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ଖୁଣ୍ଟା ଗ୍ରାମର ଦୁଇ ଭାଇଙ୍କ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ମାରପିଟ ହେବା ନେଇ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ଏହି ଗ୍ରାମର କିଶୋର କୁମାର ମହାକୁଡ଼ ଓ ହୃଦୟ ରଞ୍ଜନ ମହାକୁଡ଼ ସମ୍ପର୍କରେ ଦୁଇ ଭାଇ। ତେବେ ଉଭୟ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ବାଡ଼ ମଝିରେ ଥିବା ଏକ ଗଛ କଟିବାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଯୁକ୍ତିତର୍କ ଓ ମାରପିଟ ହୋଇଥିଲା। ଏହି ଘଟଣାକୁ ନେଇ ଦୁଇ ପରିବାର ମଧ୍ୟରେ ବୁଝାମଣା ହୋଇ ନ ପାରିବାରୁ କିଶୋରଙ୍କ ଅଭିଯୋଗ କ୍ରମେ ହୃଦୟ ରଞ୍ଜନଙ୍କ ବିରୋଧରେ ପୋଲିସ ଏକ ମାମଲା(ନଂ. ୨୪୬/୨୨) ଓ ହୃଦୟ ରଞ୍ଜନଙ୍କ ପାଲଟା ଅଭିଯୋଗ କ୍ରମେ କିଶୋରଙ୍କ ବିରୋଧରେ ଅନ୍ୟ ଏକ ମାମଲା(ନଂ. ୨୪୭/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

# ବିଦ୍ୟାଳୟ ରୋଷେଇ ଘର ଭଙ୍ଗାକୁ ଗ୍ରାମବାସୀଙ୍କ ବିରୋଧ

ବାହାନଗା, ୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉଡୁ ପଞ୍ଚାୟତ ବାଜଣା ଗ୍ରାମରେ ଥିବା ଗୋଟିଏ ସ୍ଥାନରେ ଦୁଇଟି ବିଦ୍ୟାଳୟର ଉନ୍ନତୀକରଣକୁ ନେଇ ବିବାଦ ଦେଖାଦେଇଛି। ଗ୍ରାମର ଅଚ୍ୟୁତାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରୋଷେଇ ଘର ଭାଙ୍ଗି ୫-ଟି ଅଧୀନରେ ଆସୁଥିବା ସେହି ସ୍ଥାନରେ ଥିବା ଲାଲମୋହନ ଉଚ୍ଚ ବିଦ୍ୟାଳୟର ନୂତନ ଘର ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ବିଷୟରେ ଗ୍ରାମବାସୀ ବାହାନଗା ବିଡିଓ ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

ଅଚ୍ୟୁତାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୩ଟି ଶ୍ରେଣୀକୁ ନେଇ ଚାଲିଛି। ଏଥିପାଇଁ ଦୁଇଟି ଶ୍ରେଣୀଗୃହ ରହିଛି। ମଧ୍ୟାହ୍ନଭୋଜନ ରୋଷେଇ ନିମନ୍ତେ ରାଜ୍ୟ ସରକାର କୌଣସି ଅନୁଦାନ ଦେଇ ନ ଥିଲେ। ତେବେ ସମ୍ପୃକ୍ତ ବିଦ୍ୟାଳୟର ନିଜସ୍ୱ ଜମିରେ ଗ୍ରାମବାସୀ ରୋଷେଇ ଘର ନିର୍ମାଣ କରିଛନ୍ତି। ଲାଲ୍‌ମୋହନ ଉଚ୍ଚ ବିଦ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଜମି ଆବଶ୍ୟକ ହେବାରୁ ଅଚ୍ୟୁତାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଟି (ମହିଳା ଓ ପୁରଷ )ପାଇଖାନା ଘରକୁ ଭାଙ୍ଗିଦିଆଯାଇଥିବା ବେଳେ ରୋଷେଇ ଘରକୁ ମଧ ଭାଙ୍ଗିଦେବାର ଯୋଜନା କରୁଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି । ଏନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ବେସରକାରୀ ବିଦ୍ୟାଳୟକୁ ରାଜ୍ୟ ସରକାର ୫-ଟି ମାଧ୍ୟମରେ ଉନ୍ନତି କରୁଥିବା ବେଳେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଣଦେଖା କରି ତାହାର ସମ୍ପତ୍ତିକୁ ଜବରଦସ୍ତ ହାତେଇ ଉକ୍ତ ବିଦ୍ୟାଳୟକୁ ବିକୃତ କରିବାକୁ ନେଇ ଗ୍ରାମବାସୀ ବିରୋଧ କରିଛନ୍ତି । ଏଥିରେ ପ୍ରଶାସନ ଓ ଲାଲ୍‌ମୋହନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିବୃତ ନ ହେଲେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଗୌରାଙ୍ଗ ଘୋଷ କହନ୍ତି ସବୁ ଜମି ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର। ତେବେ ୫-ଟି ଅଧୀନରେ ଆସୁଥିବା ସେହି ଗ୍ରାମର ଉଚ୍ଚ ବିଦ୍ୟାଳୟ ଲାଗି ଘର ନିର୍ମାଣ ପାଇଁ ଆବଶ୍ୟକ ଜମି ନ ଥିବାରୁ ସେହିଠାରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଟି ପାଇଖାନା ଗୃହ ଓ ରୋଷେଇ ଘରକୁ ଭାଙ୍ଗି ଘର ନିର୍ମାଣ ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।


ଭଙ୍ଗା ଯାଇଥିବା ବିଦ୍ୟାଳୟ ପାଇଖାନା ଗୃହ।

# ନବନିଯୁକ୍ତ ୭୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

ଖଇରା, ୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ୨୬ ହାଇସ୍କୁଲରେ ନବନିଯୁକ୍ତ ୭୦ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ନହଙ୍ଗ ସରକାରୀ ହାଇସ୍କୁଲ ପରିସରରେ ଓଷ୍ଟା ଖଇରା ମଣ୍ଡଳ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସ୍ଥାୟୀ ସଭାପତି ଦିନବନ୍ଧୁ ଦାଶ ପୌରୋହିତ୍ୟ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲକ ବିହାରୀ ପାଢୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଧର ବେହେରା, ଗୌରାଙ୍ଗ ମହାପାତ୍ର ଓ ହେମନ୍ତ ମିଶ୍ର, ଜିଲା ସଭାପତି ବାଦଲ ପାତ୍ର, ପ୍ରାକ୍ତନ ଜିଲା ସଭାପତି ଜିତେନ୍ଦ୍ର ବେହେରା, ପଦ୍ମଲୋଚନ ଦାଶ, ଭରତ ଚନ୍ଦ୍ର ଦାସ, ମହେଶ୍ୱର ପଣ୍ଡା, କାର୍ଯକାରୀ ସଭାପତି ରାଧାକାନ୍ତ ପଣ୍ଡା, ମହେନ୍ଦ୍ର କବି, ଈଶ୍ୱର ସାହୁ, ରାଜ୍ୟ କମିଟି ସଦସ୍ୟ ସଚ୍ଚିଦାନନ୍ଦ ମହାପାତ୍ର, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜଶ୍ରୀ ରାଉତ ଓ ଭାସ୍କର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥଲେ । ସମ୍ପାଦକ ଷଡାନନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ବିଷ୍ଣୁପ୍ରସାଦ ମିଶ୍ର ମଞ୍ଚ ଆହ୍ୱାନ କରିଥିଲେ। ନବନିଯୁକ୍ତ ଶିକ୍ଷକଙ୍କ ଯୋଗଦାନ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ସୁଦୃଢ଼ କରିବ ବୋଲି ଜିଲା ସଭାପତି ପାତ୍ର ପ୍ରକାଶ କରିଥିଲେ।

# ‘ଭଞ୍ଜମାଟିର ଗୌରବ ଗରିମା, ମହାନତା ଅନ୍ୟତମ’

ବାରିପଦା ଅଫିସ, ୮।୯

ବାରିପଦା ଶହୀଦ ସ୍ମୃତି ଭବନ ପରିସରରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ମଣ୍ଡଳାଧିଶ ଚନ୍ଦ୍ରଭାନୁ ମହାପାତ୍ରଙ୍କ ଅଧକ୍ଷତାରେ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବସନ୍ତ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ରାଜ୍ୟ ସଂଘର ଉପଦେଷ୍ଟା ସ୍ୱପ୍ନେଶ୍ୱର ସାହୁ, ମୟୂରଭଞ୍ଜ ଜିଲାର ଭାରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ସୁନାରାମ ସିଂହ, ଜିଲା ଶିକ୍ଷା ନିରୀକ୍ଷକ ମାନସ ରଞ୍ଜନ ତ୍ରିପାଠୀ ଏବଂ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ରାଜ୍ୟ ସଭାପତି ବିଶିକେଶନ ନାଗ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ମୟୂରଭଞ୍ଜ ଜିଲା ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସେ ତାଙ୍କ ବକ୍ତବ୍ୟରେ ଭଞ୍ଜ ମାଟିର ଗୌରବ, ଗରିମା ଓ ମହାନତା ଅନ୍ୟତମ ବୋଲି ପ୍ରକାଶ କରିଥିଲେ। ସେହିପରି ଶିକ୍ଷକତାରୁ କାର୍ଯ୍ୟ ଆରମ୍ଭ କରି ପଦୋନ୍ନତି ପାଇ ସୁନ୍ଦରଗଡ଼ ଜୋନ୍‌ର ଶିକ୍ଷା ମଣ୍ଡଳାଧିଶ ଆସନ ଅଳଙ୍କୃତ କରିଥିବା ରେବା ଦାସଙ୍କୁ ସମ୍ମାନିତ କରାଯାଇଛି। କରୋନା ସମୟରେ ବିଭିନ୍ନ ବର୍ଗର ବିଦ୍ୟାଳୟରେ କାର୍ଯ୍ୟ ତୁଲାଇ ଅବସର ନେଇଥିବା ୫୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ରାଜ୍ୟ ସଂଘ ସମ୍ପାଦକ ଦୀପକ କୁମାର ଦଣ୍ଡପାଟ ଅତିଥି ପରିଚୟ ପ୍ରଦାନ ଓ ଜିଲା ସଂଘ ସମ୍ପାଦକ ଦୀପ୍ତିକାନ୍ତ ଜେନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ମୟୂରଭଞ୍ଜ ଜୋନ୍‌ର ନୋଡାଲ ସମ୍ପାଦକ ଦେବେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ଜିଲା ସଂଘ ସଭାପତି ଧ୍ରୁବଚରଣ ମୁର୍ମୁଙ୍କ ନେତୃତ୍ୱରେ ଜୟନ୍ତ କୁମାର ପାଣିଗ୍ରାହୀ, ଦୀପକ ସେଠୀ, ପଦ୍ମଲୋଚନ ଆଚାର୍ଯ୍ୟ ଓ ଉମା ଦେ ମଞ୍ଚ ପରିଚାଳନା କରିଥିଲେ। ଜିଲାର ୧୫୪ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି।

ଗୁଳି କରି ବାପାଙ୍କୁ ହତ୍ୟା ଘଟଣା

# ସିନ ରି-କ୍ରିଏସନ କଲା ପୋଲିସ

ଉଦଳା,୮।୯(ଡି.ଏନ.ଏ.): ସାମାନ୍ୟ ବଚସାରୁ ଗୁଳିକରି ନିଜ ବାପାଙ୍କୁ ହତ୍ୟା କରିଥିବା ପୁଅ କୈଳାସ ନାଏକକୁ ନେଇ ଗୁରୁବାର ପୋଲିସ ସିନ୍ ରି-କ୍ରିଏସନ କରିଛି। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ

## ଅଭିଯୁକ୍ତ କୋର୍ଟଚାଲାଣ

କାଶୀକୁଣ୍ଡଳ ଗ୍ରାମର ଟିଲୁ ନାଏକ(୭୫)ଙ୍କୁ ତାଙ୍କ ପୁଅ କୈଳାସ(୩୨) ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରିଥିଲେ। ସାମାନ୍ୟ ବଚସାକୁ ନେଇ ଖାଇବା ପାଖରୁ ଉଠିଆସି ପୂର୍ବରୁ ଲୁଚାଇ ରଖିଥିବା ଏକ ଦେଶୀ ବନ୍ଧୁକରେ ବାପାଙ୍କୁ ଗୁଳି କରି ହତ୍ୟା କରିଥିଲେ ସେ। ତେବେ ସିନ ରି-କ୍ରିଏସନ ବେଳେ ଅଭିଯୁକ୍ତ ପୋଲିସ୍ ଆଗରେ ସବୁ କଥା ବଖାଣିଥିଲେ। ଏହା ସହିତ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକକୁ ଯେଉଁଠାରେ ଲୁଚାଇ ରଖିଥିଲେ ସେହିସ୍ଥାନ ପୋଲିସକୁ ଦେଖାଇଥିଲେ। ପରେ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀ ସମ୍ବର୍ଦ୍ଧିତ


ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ କାହ୍ନୁଚରଣ ଦାଶଙ୍କ ସ୍ତ୍ରୀ ପାର୍ବତୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାଟଣା,୮।୯ (ସ୍ୱ.ପ୍ର.)

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ କେନ୍ଦୁଝର ଜିଲାରେ ପରିକ୍ରମା କରୁଛି ଅହିଂସା ରଥ। ଗୁରୁବାର ପାଟଣା ଓ ସାହାରପଡା ବ୍ଲକରେ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ପାଟଣା ମୁଖ୍ୟାଳୟ ଗୋପୀନାଥ ନାରାୟଣ ଉଚ୍ଚବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ପାର୍ଥସାରଥୀ ବେଜ ସଂଯୋଜନା କରିଥିଲେ। ବିଡ଼ିଓ ଈଶ୍ୱରଚନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ ଯୋଗଦେଇ କେନ୍ଦୁଝର ଜିଲା ସ୍ୱାମଶାସନର ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ କାହ୍ନୁଚରଣ ଦାଶଙ୍କ ପତ୍ନୀ ପାର୍ବତୀ ଦାଶଙ୍କୁ ଅଙ୍ଗବସ୍ତ୍ର ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁକାନ୍ତି ନାଏକ, ଉପାଧକ୍ଷା ବୀଣାପାଣି ନାୟକ, ଜିଲାପରିଷଦ ସଭ୍ୟା ରୁନୁ ମହାନ୍ତ, ପୂର୍ବତନ ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ବିଜେଡି ଜିଲା ସଭାପତି ମାଧବାନନ୍ଦ ପୃଷ୍ଟି, ତହସିଲଦାର ତାପସ ରଞ୍ଜନ ଦେହୁରୀ, ସେକ୍ସନ ଅଫିସର ପିତବାସ ମହାନ୍ତ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ଡବ୍ଲୁଓ ଶୁଭେନ୍ଦୁ କୁମାର ବଳ, ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଥାନା ଧିକାରୀ ରାଜେନ୍ଦ୍ର ସ୍ୱାଇଁ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

# ବଡ଼ ସରକାର ବାବାଙ୍କ ଫାତେହା ଉତ୍ସବ ପ୍ରସ୍ତୁତି

ଭଦ୍ରକ ଅଫିସ, ୮।୯

ଭଦ୍ରକ ବାଇପାସ୍ ରୋଡ୍‌ସ୍ଥିତ ସରକାର ନଗର ଖାନ୍‌କାହଠାରେ ହାଜି ହାଫିଜ ଶେଖ୍ ମହମ୍ମଦ ଇସାକଙ୍କ ସଭାପତିତ୍ୱ ଓ ସମ୍ପାଦକ ଶେଖ୍ ଅତା ମୋହିଉଦ୍ଦିନଙ୍କ ସଂଯୋଜନାରେ ଗୁଲଶନେ ଗୌସପାକ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ ତାରିଖରେ ଭଦ୍ରକ ମହାମାନ୍ୟ ସୁଫି ହଜରତ ସୈୟଦ ଶାହ ନସିମ ଅଖତର କାଦରୀ (ବଡ଼ ସରକାର ବାବା)ଙ୍କ ଅଷ୍ଟମ ବାର୍ଷିକ ଫାତେହା ଉତ୍ସବ ପାଳନ ନେଇ ପ୍ରସ୍ତୁତି କରାଯାଇଛି। ୨୩ ତାରିଖ ରାତି ୧୨ଟାରୁ ବାବାଙ୍କ ଗୋସଲଖାନୀ ଆରମ୍ଭ ହେବ। ୨୪ ତାରିଖ ସକାଳେ ନମାଜ ପାଠ ସାରି କୋରାନ ଖାନୀ, ମିଲାଦ ଶରିଫ ଓ ଫାତେହାର ଆୟୋଜନ କରାଯିବ। ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ବାବାଙ୍କ ସମାଧିରେ ଚାଦର ଚଢ଼ାଇ ଦର୍ଶନ କାର୍ଯ୍ୟକ୍ରମ ରହିଛି। ଖାନ୍‌କାହ କମିଟି ପକ୍ଷରୁ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଭକ୍ତମାନଙ୍କ ପାଇଁ ରେଳଷ୍ଟେଶନ ଓ ବନ୍ତ ଛକ ବସ୍‌ଷ୍ଟାଣ୍ଡ ସମ୍ମୁଖରେ କ୍ୟାମ୍ପ ଖୋଲାଯିବ। କ୍ୟାମ୍ପରେ କମିଟି ସଦସ୍ୟମାନେ ରହି ଭକ୍ତମାନଙ୍କୁ ଖାନକାହ ପର୍ଯ୍ୟନ୍ତ ଯାତାୟାତ ବ୍ୟବସ୍ଥା କରାଇବେ। ମିର୍ଜା ସୈଫୁଦ୍ଦିନ, ତାହେର ଅଲ୍ଲି, ମହମ୍ମଦ ଅତାଉଲ୍ଲା, ଫୁରକାନ ଅଲି, ମହମ୍ମଦ ଫଜଲେ ହକ୍, ମହମ୍ମଦ ସଏଫ୍ ଅଲି, ଶେଖ୍ ଗୁଲମହମ୍ମଦ, ମୁଖତାର ଅହେମଦ ରସିଦ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଗ୍ୟାରେଜରୁ ଟ୍ରକ୍ ଚୋରି

ଭଦ୍ରକ ଅଫିସ, ୮।୯: ଭଦ୍ରକ ପୌରପାଳିକା ଅଧୀନ କୁଆଁସ ଗ୍ରାମର ଶୁଭଙ୍କର ମହାପାତ୍ରଙ୍କର ଏକ ୧୨ଚକିଆ ଟ୍ରକ୍ ଗ୍ୟାରେଜରୁ ଚୋରି ହୋଇଥିବା ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ବାସୁଦେବପୁର ଥାନା ଅଧୀନ ପଦ୍ମପୁରର ଜଣେ ବ୍ୟକ୍ତିଙ୍କଠାରୁ ଟ୍ରକ୍ (ନଂ. ଓଆର୍ ୧୧ ଜେ ୫୦୪୧) କିଣି ମରାମତି ପାଇଁ ଗତ ଅଗଷ୍ଟ ୨୫ରେ ଭଦ୍ରକ ଡାହାଣୀଗଡ଼ିଆସ୍ଥିତ ଏକ ଗ୍ୟାରେଜରେ ଦେଇଥିଲେ। ଚଳିତମାସ ୨ ତାରିଖ ସକାଳ ୭ଟାରେ ଗ୍ୟାରେଜ୍ ମାଲିକ ଟ୍ରକ୍ ଚୋରି ହୋଇଯାଇଥିବା ଫୋନ୍ ଯୋଗେ ଜଣାଇଥିଲେ।

# ଚୋରି ଗାଡ଼ିରେ ଷଣ୍ଢ ଚାଲାଣ: ଫେରାର ଅଭିଯୁକ୍ତ ଗିରଫ

ବୈଶିଙ୍ଗା,୮।୯(ଡି.ଏନ.ଏ.)

ଚୋରା ଗାଡ଼ିରେ ଷଣ୍ଢ ଚାଲାଣ ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଗିରଫ କରିଛି। ଏଡି ଥାନା ଅଧୀନ ଗୋବିନ୍ଦରାୟପୁର ଗ୍ରାମର ୩ ଦୁର୍ବୃତ୍ତ ଅଭିନବ ଢଙ୍ଗରେ ବାରିପଦା ସଦର ଥାନା ଅଞ୍ଚଳରୁ ଏକ ପିକ୍‌ଅପ୍ ଭ୍ୟାନ ଚୋରି କରି ସେଥିରେ ୬ଟି ବୁଲା ଷଣ୍ଢ ଲଦି ପଶ୍ଚିମବଙ୍ଗକୁ ଚାଲାଣ କରୁଥିଲେ। ପଶ୍ଚିମବଙ୍ଗ ପୋଲିସ ସେମାନଙ୍କୁ ଧରିଥିଲେ ମଧ୍ୟ କୌଶଳ କ୍ରମେସେମାନେ ଖସି ପଳାଇ ଆସିବାକୁ ସମର୍ଥ ହୋଇଥିଲେ। ଏହି ମାମଲାରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବୈଶିଙ୍ଗା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କୁ ଜିଲା ପୋଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଥିଲା। ଗୁରୁବାର ପୋଲିସ ଗୋବିନ୍ଦରାୟପୁର ଗ୍ରାମରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛି। ସେ ହେଲେ ଅବଦୁଲ କୁଦୁସଙ୍କ ପୁତ୍ର ଶେଖ ରାହୁଲ। ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି।

# ମହାପୁରୁଷଙ୍କୁ ଦେଲେ ଶ୍ରଦ୍ଧାଞ୍ଜଳି

## ‘ଭାରତ ଯୋଡ଼ ଯାତ୍ରା’

ବାଲେଶ୍ୱର ଅଫିସ, ୮।୯

ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ‘ଭାରତ ଯୋଡ଼ ଯାତ୍ରା’ କାର୍ଯ୍ୟକ୍ରମ ଗୁରୁବାର ଶୁଭାରମ୍ଭ ହୋଇଛି। ଜିଲା ସଭାପତି ସଞ୍ଜୀବ କୁମାର ଗିରି ସିନେମା ଛକ ସ୍ଥିତ ଶହୀଦ ପାର୍କଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଯାତ୍ରା ଆରମ୍ଭ କରିଥିଲେ। ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀଙ୍କ ସହ ଫାଣ୍ଡି ଛକ ପରେ ଷ୍ଟେଶନ ଛକରେ ପହଞ୍ଚିଥିଲେ। ଯାତ୍ରା ସମୟରେ ଛକ ଓ ପାର୍କରେ ସ୍ଥାପିତ ହୋଇଥିବା ମହାପୁରୁଷ ଯଥା ବିଜୁ ପଟ୍ଟନାୟକ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ସମରେନ୍ଦ୍ର କୁଣ୍ଡୁ ଓ ଶେଷରେ ଭାରତ ରତ୍ନ ପୂର୍ବତନ ରାଷ୍ଟ୍ରପତି ଡ. ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହ ଜିଲା କଂଗ୍ରେସ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

ଷ୍ଟେଶନଛକସ୍ଥିତ ଡ. ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ବୃଦ୍ଧି, ସବୁ ସରକାରୀ ସ୍ୱତନ୍ତ୍ର ସଂସ୍ଥା ଯଥା ଇଡି, ସିବିଆଇ, କୋର୍ଟ ଭଳି ସଂସ୍ଥାକୁ ହାତମୁଠାରେ ରଖି କାର୍ଯ୍ୟ କରାଇବା, ସଂସଦରେ ଲୋକଙ୍କ ସମାସ୍ୟାକୁ କହିବାକୁ ନ ଦେବା, ଦେଶରେ ଭାଇଚାରା ନଷ୍ଟ, ହିଂସା ବୃଦ୍ଧିକୁ ଆଖିରେ ରଖି ଜାତୀୟ କଂଗ୍ରେସ ସମାନ ବିଚାର ରଖୁଥିବା ରାଜନୀତି ଦଳ, ସଙ୍ଗଠନ, ସାମାଜିକ କର୍ମୀଙ୍କୁ ଆହ୍ୱାନ କରି, ସାଙ୍ଗରେ ନେଇ ‘ଭାରତ ଯୋଡ଼ ଯାତ୍ରା’ କନ୍ୟାକୁମାରୀଠାରୁ କଶ୍ମୀର ପର୍ଯ୍ୟନ୍ତ ଆରମ୍ଭ କରିଛି। ଏହି ପଦଯାତ୍ରା ୫ମାସ ଧରି ଚାଲିବ, ପ୍ରାୟ ୩୫୭୦ କି.ମି. ପ୍ରତ୍ୟେକ ଦିନ ୨୫ କି.ମି. ପାଖାପାଖି ଏହି ‘ଭାରତ ଯୋଡ଼ ଯାତ୍ରା’ କାର୍ଯ୍ୟକ୍ରମ ଚାଲିବ। ରାଜ୍ୟ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା ମହିଳା ସଭାପତି ପ୍ରଜ୍ଞା ପରମିତା ମହାନ୍ତି, ଜିଲା କଂଗ୍ରେସ ଉପସଭାପତି ଗୋପୀନାଥ ପାଢ଼ୀ, ରାଜ୍ୟ ଉପାଧକ୍ଷା ଜୋସ୍ନା ସେନାପତି, ଯୁବକଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା, ଯୁବନେତା ସରୋଜ କୁମାର ଲେଙ୍କା, ମନୋରଞ୍ଜନ ନାୟକ, ବିଦ୍ୟାଧର ମହାନ୍ତି, ଜୀବନକ୍ରିଷ୍ଣ ବାରିକ ଓ ସଞ୍ଜୟ ପରିଡ଼ା ପ୍ରମୁଖଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିଲା।



ଜିଲା କଂଗ୍ରେସ ପକ୍ଷରୁ ବାହାରିଥିବା ଭାରତ ଯୋଡ଼ ଯାତ୍ରା।







D-73349




CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଟିସିଏଫ୍ ଭାରତର ଏକ ମାତ୍ର ପଞ୍ଜୀକୃତ କମ୍ପାନୀ ଦ୍ୱାରା ଋଣ
2% ସୁଧ
45% ଛାଡ଼
ମାର୍କଶିଟ୍, ପ୍ରପର୍ଟି, ବି.ପି.ଏଲ୍. ଓ ସମସ୍ତ ଋଣ 5 ଘଣ୍ଟାରେ ଘରେ ବସି ପାଆନ୍ତୁ
08779988242




ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମଶାଣି ସାଥୀ ସୁଶାନ୍ତ

## କରିସାରିଲେଣି ୧୦୦ରୁ ଊର୍ଦ୍ଧ୍ୱ ଶବଦାହ

ବାଞ୍ଛାନିଧି ଦେ
ରୂପସା, ୮।୯



ପେସାରେ ଜଣେ ବାଇକ୍ ମେକାନିକ। ହେଲେ ସମସ୍ତେ ତାଙ୍କୁ ମଶାଣି ସାଥୀ ଭାବେ ଜାଣନ୍ତି। ଶବଦାହ ଲାଗି କେହି ତାଙ୍କୁ ଡାକନ୍ତୁ ବା ନ ଡାକନ୍ତୁ ସେ ସବୁକାମ ଛାଡ଼ି ମଶାଣିରେ ପହଞ୍ଚିଯାନ୍ତି। ସେହି ସମୟରେ ଯାହା କିଛି ଖର୍ଚ୍ଚ ହୁଏ ଅକୁଣ୍ଠିତ ଚିତ୍ତରେ ସେ ନିଜ ପକେଟରୁ ଦେଇଥାନ୍ତି। ଏଥିରେ ତାଙ୍କୁ ତୃପ୍ତି ମିଳିଥାଏ ବୋଲି ସେ କହନ୍ତି। ଏଭଳି ଜଣେ ନିଆରା ଯୁବକ ହେଲେ ସୁଶାନ୍ତ ବେହେରା। ଡାକ ନାମ ବଲିଆ। ଘର ବାଲେଶ୍ୱର ସଦର ବ୍ଲକ ଆଙ୍ଗୋ ଗ୍ରାମରେ। ପର୍ଶୁରାମ ବେହେରାଙ୍କ ସାନପୁଅ ସୁଶାନ୍ତ ବିଏ ପାସ୍ କରିବା ପରେ ରୂପସାରେ ଏକ ଗ୍ୟାରେଜ କରି ମେକାନିକ ଭାବେ କାର୍ଯ୍ୟ କରୁଛନ୍ତି। ୩୦ବର୍ଷ ବୟସରେ ସେ ୧୦୦ରୁ ଅଧିକ ଶବ ଦାହ କରି ମହାନତାର ପରିଚୟ ଦେଇଛନ୍ତି। ୨୦୧୭ରେ ତାଙ୍କ ମା'ଙ୍କର ମୃତ୍ୟୁ ହୋଇଥିଲା। ମା'ଙ୍କ ଶବଦାହ ଦେଖିବା ପରେ ସେ ଅନ୍ୟମାନଙ୍କ ଶବଦାହ କରିବାକୁ ମନେ ମନେ ନିଷ୍ପତ୍ତି ନେଇଥିଲେ। ଜାତି ଅଜାତି କିଛି ବାଛ ବିଚାର ନ କରି ଦୌଡ଼ି ଯାଆନ୍ତି ମଶାଣିକୁ। ସେ କୁହନ୍ତି ଶବଦାହ ହେଉଛି ପୁଣ୍ୟ କାର୍ଯ୍ୟ। କେବଳ ରୂପସା ନୁହେଁ ଯେଉଁଠି ବି ଖବର ପାଇବେ ସବୁଜାଗାରେ ପହଞ୍ଚି ଶବଦାହ କରିବାରେ ସହାୟତା କରିବେ। ଏପରି ନିସ୍ୱାର୍ଥପର ମହତ କାର୍ଯ୍ୟ ପାଇଁ ସେ ରୂପସା ଅଞ୍ଚଳରେ ବହୁ ପ୍ରଶଂସା ସାଉଁଟି ଚର୍ଚ୍ଚିତ ହୋଇପାରିଛନ୍ତି।

# ୭୭ ବର୍ଷ ବୟସରେ ଆତ୍ମନିର୍ଭର

ରଶ୍ମିରେଖା ପାଣିଗ୍ରାହୀ
ବେତନଟୀ, ୮।୯

ବୟସର ଅପରାହ୍ନରେ ପହଞ୍ଚି ଥିଲେ ବି ଜୀବନ ସହ ଜାରି ରଖିଛନ୍ତି ସଂଘର୍ଷ। ୭୭ ବର୍ଷ ବୟସରେ ସେ ଚଳଚଞ୍ଚଳ। ଘରକୁ ଘର ଯାଇ କ୍ଷୀର ବିକି ପେଟ ପାଇଁ ଯୋଗାଡ଼ କରୁଛନ୍ତି ଦାନା। ୩୦ବର୍ଷ ହେଲା ଏହି ବୃତ୍ତିକୁ ସେ ଆପଣାଇଛନ୍ତି। ପରିଣତ ବୟସରେ କାହା ପାଖରେ ହାତ ନ ପାତି ଆତ୍ମନିର୍ଭର ହୋଇପାରିଛନ୍ତି ମୟୁରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ କଦଳିଆ ଗ୍ରାମର ଜଗନ୍ନାଥ ଦଳେଇ।

୧୯୪୫ରେ ତେନ୍ତୁଳିଗାଁର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ଜଗନ୍ନାଥ ୩ବର୍ଷ ବୟସରୁ ନିଜ ମାମୁ ଘର କଦଳିଆରେ ରହି ଆସୁଥିଲେ। ଅଳ୍ପ ବୟସରେ ବିବାହ କରିଥିଲେ ନିଶ୍ଚନ୍ଦପୁର ଗ୍ରାମର ମାଧବୀଙ୍କୁ। ମାମୁ,ମାଇଁ ଆରପାରିକୁ ଚାଲିଗଲା ପରେ ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅକୁ ନେଇ ତାଙ୍କ ପରିବାର ସୁରୁଖୁରୁରେ ଚାଲିଥିଲା। ୧୯୯୦ରେ ଆରମ୍ଭ କରିଥିବା କ୍ଷୀର ବେପାରରୁ ଉପାର୍ଜିତ ଟଙ୍କାରେ ସେ ନିଜର ପରିବାର ପ୍ରତିପୋଷଣ କରି ଆସୁଥିଲେ। ଦୁଇ ଝିଅ ଓ ପୁଅର ବିବାହ ମଧ୍ୟ କରାଇଥିଲେ। ପୁଅ ମଧ୍ୟ ଏକ ଘରୋଇ କମ୍ପାନୀରେ କାମ କରି ଜଗନ୍ନାଥଙ୍କୁ ପରିବାର ଚଳାଇବାରେ ସହଯୋଗ କରି ଆସୁଥିଲେ। ହେଲେ ଏତିକିବେଳେ ତାଙ୍କ ଜୀବନରେ ଆସିଥିଲା ଅଦିନିଆ ଝଡ଼। ପାରିବାରିକ କଳହ କାରଣରୁ ସ୍ତ୍ରୀ ସହିତ ଝଗଡ଼ା କରି ଶ୍ୱଶୁର ଘରେ ଯାଇ ଆତ୍ମହତ୍ୟା କରିଥିଲେ ତାଙ୍କ ପୁଅ। ପୁଅ ମୃତ୍ୟୁରେ ମ୍ରିୟମାଣ ହୋଇ ଭାଙ୍ଗି ପଡ଼ି ସ୍ତ୍ରୀ ମାଧବୀ ମଧ୍ୟ ନିଜର ମାନସିକ ଭାରସାମ୍ୟ ହରାଇ ଦେଇଥିଲେ। ଦୁଃଖର ପାହାଡ଼ ଓଜାଡି ପଡ଼ିଥିଲା ଜଗନ୍ନାଥଙ୍କ ଉପରେ। ତଥାପି ଭାଙ୍ଗି ପଡ଼ିନାହାନ୍ତି ସେ। ପରିଣତ ବୟସରେ ଭୋର ୩ଟାରୁ ବିଛଣାରୁ ଉଠି ପହଞ୍ଚିଯାନ୍ତି ବୈଶିଙ୍ଗା ବଜାରରେ। ସେଠାରୁ କ୍ଷୀର ସଂଗ୍ରହ କରି ସାଇକେଲ ଧରି ବାହାରିପଡ଼ନ୍ତି ଦୋକାନ ଓ ଘରକୁ ଘର ବାଣ୍ଟିବା ଲାଗି। ସକାଳ ୮ଟା ବେଳେ ଘରେ ପହଞ୍ଚି ରୋଗିଣା ସ୍ତ୍ରୀଙ୍କ ନିତ୍ୟକର୍ମ ସାରିବା ପରେ ନିଜେ ରୋଷେଇ କରି ଖାଇବା ସହିତ ସ୍ତ୍ରୀଙ୍କୁ ଖୁଆଇ ଦିଅନ୍ତି। ପୁଣି ଅପରାହ୍ନରେ କ୍ଷୀର ବିକିବାକୁ ବାହାରି ଯାଆନ୍ତି। ୨୦୧୦ରେ ସ୍ତ୍ରୀ ମାଧବୀ ତାଙ୍କ ହାତଛାଡ଼ି ଆରପାରିକୁ ଚାଲିଗଲେ। ତା'ପରେ ସମ୍ପୂର୍ଣ୍ଣ ନିଃସଙ୍ଗ ହୋଇଗଲେ ଜଗନ୍ନାଥ। ଏବେ ଆହାଃ ପଦେ କହିବାକୁ କେହି ନାହିଁ ତାଙ୍କ ପାଖରେ। ତଥାପି ହାରି ନାହାନ୍ତି ଜଗନ୍ନାଥ। ଆଜି ବି ସେଇ ଚିରାଚରିତ ଢଙ୍ଗରେ ସାଇକେଲରେ ପ୍ରାୟ ୧୨ରୁ୧୫ କି.ମି ରାସ୍ତା ବୁଲି କ୍ଷୀର ବିକୁଛନ୍ତି। ପୂର୍ବରୁ ଦୈନିକ ୨୫୦ଲିଟର କ୍ଷୀର ବିକ୍ରି କରୁଥିବାବେଳେ ଏବେ ବାର୍ଦ୍ଧକ୍ୟତା ପାଇଁ ୧୦୦ ଲିଟର ବିକୁଛନ୍ତି। ସେଥିରୁ ମିଳୁଥିବା ଦୈନିକ ୨୦୦ରୁ ୨୫୦ଟଙ୍କାରେ କଷ୍ଟେମଷ୍ଟେ ଚଳିଯାଉଛନ୍ତି। ଅଳ୍ପ ପାଠ ପଢ଼ିଥିବା ଜଗନ୍ନାଥ ନିଜେ ପରିଶ୍ରମ କରି ଅର୍ଥ ଉପାର୍ଜନ କରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। କୌଣସି ବି ବ୍ୟବସାୟ ଛୋଟ ନୁହେଁ ବୋଲି ସେ କୁହନ୍ତି।


ଜଗନ୍ନାଥ ଦଳେଇ।

## କର୍ଣ୍ଣାଟକରେ କମାଲ କଲେ

# ସାଇପ୍ରକାଶ

**ଭଦ୍ରକ ଅଫିସ, ୮।୯ (ସନାତନ ରାଉତ):** ବୟସ ମାତ୍ର ୮ ବର୍ଷ। ୩୦ରୁ ଊର୍ଦ୍ଧ୍ୱ ଯୋଗାସନରେ ମାହିର୍। ଆଖି ପିଛୁଳାକେ କରି ଦେଖାନ୍ତି କଷ୍ଟସାଧ୍ୟ ଯୋଗାସନ। ଯେଉଁ ଆସନ କରିବା ଯୋଗ ଗୁରୁମାନଙ୍କ ପକ୍ଷେ କଷ୍ଟସାଧ୍ୟ, ସେହି ଆସନ ଅତି ସହଜରେ ସେ କରିପାରନ୍ତି। ଯୋଗରେ କମାଲ ଦେଖାଇ ଏବେ କର୍ଣ୍ଣାଟକରେ ସ୍ୱର୍ଣ୍ଣପଦକ ଜିତି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ବିସ୍ମୟ ବାଳକ ସାଇପ୍ରକାଶ ନାୟକ। ତାଙ୍କ ଘର ଭଦ୍ରକ ଜିଲା ବନ୍ତ ନିକଟସ୍ଥ ସଡ଼ା ପଞ୍ଚାୟତର ନାହା ଗ୍ରାମରେ। କଳ୍ପନା ମହାପାତ୍ର ଓ ପ୍ରଶାନ୍ତ କୁମାର ନାୟକଙ୍କ ପୁଅ ସାଇପ୍ରକାଶ। ଇଣ୍ଡିଆନ ହଟ୍ ଯୋଗ ଫେଡେରେଶନ, ଇଣ୍ଟରନ୍ୟାଶନାଲ ଯୋଗ ସ୍ପୋର୍ଟ୍ସ ଫେଡେରେଶନ ଏବଂ ସାଉଥ୍ ଏସିଆ ଯୋଗ ସ୍ପୋର୍ଟ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ହାମ୍ପିସ୍ଥିତ ଡିପାର୍ଟମେଣ୍ଟ ଅଫ୍ ଯୋଗ ଷ୍ଟଡିଜ୍ କାନାଡ଼ା ୟୁନିଭର୍ସିଟିଠାରେ ଅନୁଷ୍ଠିତ ଅଲ୍ ଇଣ୍ଡିଆ ଯୋଗାସନ ଅଫ୍ ସ୍ପୋର୍ଟ୍ସ ଚାମ୍ପିୟନଶିପ୍‌ରେ ସେ ଏହି ସଫଳତା ହାସଲ କରିଛନ୍ତି। ଗତ ୨ରୁ ୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ୧୫ ରାଜ୍ୟର ୫ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଗ୍ରାଣ୍ଡ ଫିନାଲେରେ ଗୁଜରାଟର ଟିମ୍ ପ୍ରଥମ ହୋଇଥିବା ବେଳେ ଓଡ଼ିଶା ଟିମ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହାସହ ଅନ୍‌ଲାଇନରେ ଏକ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଦୁଇଟିଯାକ ପ୍ରତିଯୋଗିତାରେ ସାଇପ୍ରକାଶ ୨ଟି ସ୍ୱର୍ଣ୍ଣପଦକ ପାଇଛନ୍ତି। ପ୍ରତିଯୋଗିତା ସାରି ମା' କଳ୍ପନାଙ୍କ ସହ ସେ ଗତ ମଙ୍ଗଳବାର ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିବା ପରେ ଓଡ଼ିଶା ଯୋଗ କୋଚ୍ ଦେବାଶିଷ ହରଦଲଙ୍କ ନେତୃତ୍ୱରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଇପ୍ରକାଶଙ୍କ ବାପା ପ୍ରଶାନ୍ତ ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଅଛନ୍ତି। ହାଇଦ୍ରାବାଦରେ ପରିବାର ସହ ରହୁଥିବା ବେଳେ ମାତ୍ର ୪ ବର୍ଷ ବୟସରୁ ସାଇପ୍ରକାଶ ଟେଲିଭିଜନରେ ସୋନି ଆର୍ଯ୍ୟାଙ୍କ ଯୋଗ ଉପରେ ପର୍ଯ୍ୟବସିତ ଏକ ନୃତ୍ୟ ଦେଖିବା ପରେ ଅନୁକରଣ କରିଥିଲେ। ପରେ ତାଙ୍କର ଆଗ୍ରହ ଦେଖି ମା' କଳ୍ପନା ମୋବାଇଲରୁ ୟୁଟ୍ୟୁବରେ ବିଭିନ୍ନ ଯୋଗାସନ ଦେଖାଇ ଶିଖିବାରେ ତାଙ୍କୁ ସହଯୋଗ କରିଥିଲେ। ଜେଜେ କବି କୀର୍ତ୍ତନ ନାୟକ ଓ ଜେଜେମା' ଚନ୍ଦନା ନାୟକ ଯୋଗାଭ୍ୟାସ ପାଇଁ ତାଙ୍କୁ ସବୁବେଳେ ପ୍ରେରଣା ଯୋଗାଇ ଆସୁଛନ୍ତି ବୋଲି ସାଇପ୍ରକାଶ କହିଛନ୍ତି।

**୮ ବର୍ଷ ବୟସରେ ଯୋଗାସନରେ ମାହିର**


ସ୍ୱର୍ଣ୍ଣ ପଦକ ସହ ସାଇପ୍ରକାଶ ନାୟକ।

# ଖୋ ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା


ଖୋ ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲେଶ୍ୱର ଅଫିସ, ୮।୯

ବାଲେଶ୍ୱର ଜିଲାର ୪ଜଣ ଖୋ ଖୋ ଖେଳାଳି ଓଡ଼ିଶା ଜଗରନଟ୍ସ ଦଳରେ ସାମିଲ ହୋଇ ମହାରାଷ୍ଟ୍ରର ପୁନେରେ ଜାତୀୟସ୍ତରୀୟ ଅଲଟିମେଟ୍ ଖୋଖୋ (ସିଜନ୍-୧)ରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ଓଡ଼ିଶା ଜଗରନଟ୍ସ ଦଳ ଚାମ୍ପିୟନ ହୋଇଥିଲା। ଓଡ଼ିଶା ଦଳ ଭୁବନେଶ୍ୱରରେ ପହଞ୍ଚିବା ପରେ ବିମାନ ବନ୍ଦରରେ କ୍ରୀଡ଼ା ବିଭାଗ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ଗତ ବୁଧବାର ସେମାନଙ୍କୁ ସମ୍ବର୍ଦ୍ଧନା ଦେବା ସହ ଅର୍ଥରାଶି ପ୍ରଦାନ କରିଥିଲେ। ବାଲେଶ୍ୱରର ୪ଜଣ ଖେଳାଳି ଲିପୁନ ମୁଖୀ, ଜଗନ୍ନାଥ ମୁର୍ମୁ, ସୁକନାଥ ସିଂ, ସିଦ୍ଧେଶ୍ୱର ଟୁଡୁ ଗୁରୁବାର ରେଳ ଷ୍ଟେଶନରେ ପହଞ୍ଚିଥିଲେ। ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ସେମାନଙ୍କୁ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉତ୍ସବରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତ୍ତରୋତ୍ତର କାମନା କରିଥିଲେ। ପ୍ରତ୍ୟେକ ଖେଳାଳିଙ୍କ ସମେତ ତାଙ୍କ କୋଚ୍ ମଳୟରଞ୍ଜନ ବେହେରାଙ୍କୁ ୧୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଭୟ ମହାପାତ୍ର, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ସହ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ ଓ ଯୁଗ୍ମ ସମ୍ପାଦକ ଜଗଦୀଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗାଶ୍ରମରେ ଶ୍ରଦ୍ଧାଞ୍ଜଳି ଦିବସ

ରୂପସା, ୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପସା ଥାନା ହାତିଆଡ଼ିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ସାଧନା-ସିଦ୍ଧ-ସାଧକ ମୁନିଶିରୋମଣି ବ୍ରହ୍ମଜ୍ଞାନୀ ରୂହ୍ୟାଜୀ ମହାରାଜଙ୍କ ୧୫ ତମ ଶ୍ରଦ୍ଧାଞ୍ଜଳି ଦିବସ ଓ ଆଶ୍ରମର ପ୍ରତିଷ୍ଠାତା ଆତ୍ମଜ୍ଞାନୀ ଯୋଗୀ ରତ୍ନାକର ଖୁଣ୍ଟିଆଙ୍କର ୧୪ ତମ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇଯାଇଛି। ଏଥିରେ ଯୋଗୀ ନରେନ୍ଦ୍ର ମୁନି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ସହଦେବଖୁଣ୍ଟା ଯୋଗାଶ୍ରମର ମୁନି ରତ୍ନ, ଆତ୍ମଜ୍ଞାନୀ ଯୋଗୀ ତ୍ରିଲୋଚନ ମୁନିଜୀ, ମୁଖ୍ୟବକ୍ତା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ପ୍ରମୁଖ ଯୋଗଦେଇ ଉଭୟ ଦିବଙ୍ଗତ ମୁନିଜୀଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଲୋକପାତ କରି ସେମାନେ ମୁନି ସମାଜର ଆଦର୍ଶ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଆଶ୍ରମ ସଭାପତି ସୁଧାକର ଗିରି, ଯୋଗ ସାଧକ ପରମାନନ୍ଦ ମୁନି, ଯୋଗଶିକ୍ଷୟିତ୍ରୀ ଶାନ୍ତିଲତା ବେହେରା, ଯୋଗୀଶଙ୍କର ପାଲ, ଯୋଗୀ ମଧୁସୂଦନ ପଣ୍ଡା ଏବଂ ମୁନି ରାଜ ଅମୂଲ୍ୟ ମୁନିଜୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆଶ୍ରମ ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା, ଯୋଗଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା ଓ କଳ୍ପନା ମିସ୍ତ୍ରୀ, ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଆଶ୍ରମ କୋଷାଧ୍ୟକ୍ଷ ଯୋଗୀ ଭିକାରି ଚରଣ ମୁନି ଧନ୍ୟବାଦ ଦେଇଥିଲେ।




# ମିଳନୀ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର

କେନ୍ଦୁଝର,୮।୯(ଡି.ଏନ.ଏ)- ସୁନିଆଁ ବାମନ ଜନ୍ମତିଥିରେ ଓଡ଼ିଶାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ମିଳନୀ ସାହିତ୍ୟ' ସଂସଦର ୬୧ତମ ସ୍ୱନକ୍ଷତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦେବାଶିଷ ଚକ୍ରବର୍ତ୍ତି, ସମ୍ପାଦକ ଡ. ଚିତ୍ତ ମିଶ୍ର ସ୍ୱନକ୍ଷତ୍ର ଦିବସର ସାରଗର୍ଭକ ଅଭିଭାଷଣ ରଖିଥିଲେ। ବରିଷ୍ଠ କବି ପିନାକୀ ମିଶ୍ରଙ୍କ କବିତା ସଂକଳନ 'ଈଶ୍ୱର ଫେରିଗଲେ' ଓ ଡ ସୁମନ୍ତ୍ର ନାଏକଙ୍କ ଉପନ୍ୟାସ 'ମନ୍ଦ୍ରିତ ମୌସୁମୀ' ଲୋକାର୍ପିତ ହୋଇଥିଲା। ପ୍ରାଧ୍ୟାପକ ସୁଧା ଦାଶ ଓ ଡ ସୁନୀଲ ରଥ ପୁସ୍ତକର ସମୀକ୍ଷା କରିଥିଲେ। ୬୦ ବର୍ଷର ସ୍ମୃତି ରୋମନ୍ଥନ କରିଥିଲେ କବି ରାମଚନ୍ଦ୍ର ସାହୁ ଓ ଅଧ୍ୟାପକ ଜଗନ୍ନାଥ ଯେନା। କବି ରୀତାଞ୍ଜଳି ସାହୁଙ୍କ ସଂଯୋଜନାରେ କବି ଜିତେନ୍ଦ୍ର ପରିଡ଼ା, ବିଜୟଲକ୍ଷ୍ମୀ ମହାନ୍ତି, ସୁଜିତ କୁମାର ମିଶ୍ର, ଚିନ୍ତାମଣି ମହାଳିକ, ହରେକୃଷ୍ଣ ବେଜ, ବିରଞ୍ଚିସାମନ୍ତରାୟ, ଡ ଭାରତୀ ବେହେରା, ମାୟାଧର ନାଏକ, ଦେବଦର୍ଶନ ଦାଶ, ଶୋଭଯାତ୍ରା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଯୁଗ୍ମସଂପାଦକ ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ଟପ୍ପରଙ୍କୁ ଆର୍ଥିକ ପ୍ରୋତ୍ସାହନ



ମାତ୍ରିକ ଟପ୍ପରଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି।

ନୀଳଗିରି, ୮।୯(ସ୍ୱ.ପ୍ର.)

ନୀଳଗିରି ବ୍ଲକ ତରତରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀ ସର୍ବୋଚ୍ଚ ୫୩୩ ନଂ. ରଖି ବ୍ଲକ ଟପ୍ପର ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ ହେଲେ ଭଉଁରିଆବାଡ଼ ପଞ୍ଚାୟତ ତେରେଲଡିହି ଗ୍ରାମର ବଳରାମ ମାଝିଙ୍କ ଝିଅ ଜ୍ୟୋତିପ୍ରିୟା। ଗୁରୁବାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତଥା ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ନୀଳଗିରି ୟୁକୋ ବ୍ୟାଙ୍କ ସହାୟତାରେ ପ୍ରବନ୍ଧକ ଆକାଶ ମହାନ୍ତି ଜ୍ୟୋତିପ୍ରିୟା ମାଝିଙ୍କୁ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହି ସମ୍ବର୍ଦ୍ଧନା ପର୍ବରେ ଡବ୍ଲ୍ୟୁଇଓ ଶୈଳେନ୍ଦ୍ର ଶତପଥୀ, ତରତରୀ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିକାଶ ଜେନା ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

# ମନ୍ଦିର ନିକଟସ୍ଥ ମଦ ଦୋକାନ ସ୍ଥାନାନ୍ତର ଦାବି

କେନ୍ଦୁଝର, ୮।୯(ସ୍ୱ.ପ୍ର)

କେନ୍ଦୁଝର ରାସମନ୍ଦିର (ଡେଲି ମାର୍କେଟ) ପରିସରରେ ମଦ ଦୋକାନ ଖୋଲିବା ନେଇ ଅସନ୍ତୋଷ ଦେଖାଦେଇଛି। ଏହାକୁ ରାସ ପୂଜା ମନ୍ଦିର କମିଟି ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ମନ୍ଦିର ପରିସରରେ ମଦ ଦୋକାନ ରହିଥିବା କାରଣରୁ ମନ୍ଦିରର ପବିତ୍ରତା ନଷ୍ଟ ହେବା ସହିତ ଅସାମାଜିକ କାର୍ଯ୍ୟ ବଢ଼ୁଛି। ଅନେକ ସମୟରେ ଆଇନ ଉଲ୍ଲଂଘନ କରାଯାଇ ନାବାଳକମାନଙ୍କୁ ମଦ ବିକ୍ରି କରାଯାଉଛି। ତେଣୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କମିଟି ପକ୍ଷରୁ ଦାବି କରାଯାଇଛି। ଏ ନେଇ ଅବକାରୀ ଅଧିକ୍ଷକ ନାରାୟଣ ମେହେର କହିଛନ୍ତି ଯେ ନାବାଳକଙ୍କୁ ମଦ ବିକ୍ରି ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିର ପରିସରରେ ମଦ ଦୋକାନ ନେଇ ହୋଇଥିବା ଅଭିଯୋଗ ଆସିଲେ ଉପଯୁକ୍ତ ପଦକ୍ଷେପ ନିଆଯିବ।















